ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ରସଂଖ୍ୟା. ୯୯୭, / ସୂ.ଲୋ.ସ., ତା. ୧୦/୧୦/୨୦୧୮.

e-mail- dkl.dipro@gmail.com

ଦୂରଭାଷ- (୦୬୭୬୨)-୨୨୪୪୧୪

## ଢେଙ୍କାନାଳ ଜିଲ୍ଲା ଆପଦକାଳୀନ ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା- ୧୦/୧୦/୨୦୧୮ - ଆଜି ପୂର୍ବାହ୍ନରେ ମ୍ୟୁନିସିପାଲିଟି କାଉନସିଲ ହଲରେ ଜିଲ୍ଲା ଆପାତକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ଅଧ୍ୟକ୍ଷତା କରିଥିଲେ। ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଯେପରି କୌଣସି ଅଘଟଣ ନ ଘଟିବ, ସେଥିପ୍ରତି ସତର୍କତା ଅବଲମ୍ବନ କରି ଉଚିତ ପ୍ରତିକାର ବ୍ୟବସ୍ଥା କରିବାକୁ କହିଥିଲେ। କୌଣସି ଶିଳ୍ପ ସଂସ୍ଥାରେ ଯଦି କୌଣସି ଦୁର୍ଘଟଣା ଘଟେ ବା ଅଗ୍ନିକାଣ୍ଡ ପରିସ୍ଥିତି ଉପୁଜେ, ତେବେ ତୁରନ୍ତ ଜିଲ୍ଲା ପ୍ରଶାସନର ନଜରକୁ ଆଣିବା ସହିତ ଅନ୍ୟ ଶିଳ୍ପ ସଂସ୍ଥା ମାନଙ୍କୁ ସେ ସମ୍ପର୍କରେ ତୁରନ୍ତ ଜଣାଇବାକୁ ପରାମର୍ଶ ଦେଇଥିଲେ, ଫଳରେ ଧନ-ଜୀବନ କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି କହିଥିଲେ। ଶିଳ୍ପାନୁଷ୍ଠାନରେ କାମକରୁଥିବା ଲୋକମାନଙ୍କୁ ନୂତନ ଜ୍ଞାନ କୌଶଳ ପ୍ରୟୋଗ, ଶିଳ୍ପସଂସ୍ଥାମାନେ ଆଣୁଥିବା ବିପଦଜନକ ରାସାୟନିକ ଗ୍ୟାସ ଯାହା ଯାନବାହାନରେ ଉପଲବ୍ଧ [illegible] କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ବହୁ ପରିମାଣରେ ଦୁର୍ଘଟଣା ଏଡ଼ାଯାଇପାରିବ ସହ କ୍ଷୟକ୍ଷତିକୁ ରୋକାଯାଇପାରିବ।

ଫ୍ୟାକ୍ଟ୍ରି ଓ ବଏଲର (ଅନୁଗୁଳ ଡିଭିଜନ) ଉପ-ନିର୍ଦ୍ଦେଶକ ଶ୍ରୀ ଡି. ଆର୍. କେ. ଯେଉଁ ଶିଳ୍ପ ସଂସ୍ଥାଗୁଡ଼ିକରେ କର୍ମଚାରୀମାନଙ୍କୁ ଉଚିତ ପ୍ରଶିକ୍ଷଣ ଦିଆଯାଉଛି ଏବଂ ଜରୁରୀକାଳୀନ ପରିସ୍ଥିତିର ଉଚିତ ମୁକାବିଲା। ସେମାନଙ୍କୁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି ବୋଲି ବୈଠକରେ ଅବଗତ କରିଥିଲେ। ଦୁର୍ଘଟଣାର ଉଚିତ ମୁକାବିଲା କରିବା ସେମାନଙ୍କୁ ଶିଳ୍ପ ସଂସ୍ଥାମାନଙ୍କରେ ମକ୍ ଡ୍ରିଲ ଅଭ୍ୟାସ କରାଯାଉଛି ବୋଲି ପ୍ରକାଶ କରିଥିଲେ।

ଫ୍ୟାକ୍ଟ୍ରି ଓ ବଏଲର (ଢେଙ୍କାନାଳ ଡିଭିଜନ) ସହକାରୀ ନିର୍ଦ୍ଦେଶକ ଡି. ଏସ୍. ଏସ୍. ସାହୁ ଜିଲ୍ଲା କ୍ରାଇସିସ ଗ୍ରୁପର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର ସମୁଦାୟ ୮୭ ଗୋଟି ଶିଳ୍ପ ସଂସ୍ଥା ମଧ୍ୟରୁ ୨୪ଟି ଶିଳ୍ପ ସଂସ୍ଥାରେ ବିପଦଜନକ ରାସାୟନିକ ଗ୍ୟାସ/ପଦାର୍ଥ ବ୍ୟବହାର କରୁଥିବା ପ୍ରକାଶ କରିଥିଲେ। ରାସାୟନିକ ଗ୍ୟାସ ଦୁର୍ଘଟଣା ଯୋଗୁଁ ନିର୍ଗତ ହେଲେ ତାହା କେତେ ଦୂର ପର୍ଯ୍ୟନ୍ତ କୁ-ପ୍ରଭାବ ପକାଇବ ସେ ସମ୍ପର୍କରେ ସୂଚାଇ କହିଥିଲେ।

ଏହି ବୈଠକରେ ଶିଳ୍ପ ସଂସ୍ଥାଗୁଡ଼ିକରେ ଘଟୁଥିବା ଦୁର୍ଘଟଣା, ଏହାର ପ୍ରଭାବ, ପରିସ୍ଥିତିର ମୁକାବିଲା, ଉଦ୍ଧାର କାର୍ଯ୍ୟ ଆଦିକୁ ନବ ଭାରତ ଭେଞ୍ଚର, ବି.ଆର.ଜି.

ଆୟରନ ଆଣ୍ଡ ଷ୍ଟିଲ, ଜି.ଏମ.ଆର., କମଲାଙ୍ଗ ଏନର୍ଜି, ଏବଂ ଭୂଷଣ ଷ୍ଟିଲ ଲି. ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ ।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରେକୃଷ୍ଣ ପ୍ରଧାନ, ଆପାତକାଳୀନ ଅଧିକାରୀ - ଡେପୁଟି କଲେକ୍ଟର ଶ୍ରୀ ଶଶାଙ୍କ ଶେଖର ମିଶ୍ର, ଜିଲ୍ଲା ଶିଳ୍ପ ସଂସ୍ଥାର ପ୍ରତିନିଧି ଓ ଅଗ୍ନିଶମ ଅଧିକାରୀ, ନିରାପତ୍ତା ଅଧିକାରୀ ଏବଂ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ ।

— x —

ଏହାର ନକଲ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରକାଶ ଓ ପ୍ରସାରଣ ନିମନ୍ତେ ପଠାଗଲା ।

ହେମନ୍ତ କୁମାର ନାୟକ ୧୦/୧୦/୨୦୧୮
ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ